2019-20 (ଲେଖାନୁଦାନ) ବଜେଟ ଆକଳନର ମୁଖ୍ୟାଂଶ

ଆଜି 7 ଫେବୃୟାରୀ 2019 ରେ ମାନ୍ୟବର ଅର୍ଥମନ୍ତ୍ରୀ ଶ୍ରୀଯୁକ୍ତ ଶଶିଭୂଷଣ ବେହେରା 2019-20 ଆର୍ଥିକ ବର୍ଷ ନିମନ୍ତେ **1 ଲକ୍ଷ 32 ହଜାର 6 ଶହ 60 କୋଟି ଟଙ୍କାର** ଲେଖାନୁଦାନ ବଜେଟ୍ ବିଧାନସଭା ଅନୁମୋଦନ ପାଇଁ ଉପସ୍ଥାପନ କରିଛନ୍ତି । ଏହି ଜନକଲ୍ୟାଣକାରୀ ବଜେଟ୍ ରେ ଅଭିବୃଦ୍ଧି, ବିକାଶ, ଭିତ୍ତିଭୂମି ଉନ୍ନୟନ ଓ ପୁଞ୍ଜି ନିବେଶ ଉପରେ ଗୁରୁତ୍ୱ ଆରୋପ କରାଯାଇଅଛି । ଏହି ବଜେଟ୍ ବିଗତ 2018-19 ଆର୍ଥିକ ବର୍ଷ ତୁଳନାରେ 10.4% ଅଧିକ ଅଟେ ।

ପଞ୍ଚଦଶ ବିଧାନ ସଭାର ଅବଧି ଅଳ୍ପ କେତେ ମାସ ପରେ ଶେଷ ହୋଇଯିବ । ନିର୍ବାଚନ ତାରିଖ ଘୋଷଣା ପରେ ସଙ୍ଗେ ସଙ୍ଗେ ଆଦର୍ଶ ଆଚରଣ ବିଧି ଲାଗୁ ହେବ । ପରମ୍ପରା କ୍ରମେ ନୂତନ ସରକାରଙ୍କ ନୂତନ କାର୍ଯ୍ୟକ୍ରମ ଏବଂ ଯୋଜନା ଘୋଷଣା କରିବାର ଅଧିକାର ଅଛି । ସୁତରାଂ 2019-20 ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ୍ ପରିବର୍ତ୍ତେ ଆର୍ଥିକ ବର୍ଷର ପ୍ରଥମ ଚାରିମାସ ପାଇଁ ଚାଲୁରହିଥିବା ଯୋଜନା ଓ କାର୍ଯ୍ୟକ୍ରମ ନିମିତ୍ତ ସରକାର ଲେଖାନୁଦାନ ଆଗତ କରିବାପାଇଁ ପ୍ରସ୍ତାବ ରଖିଛନ୍ତି ।

2018-19 ଏବଂ 2019-20 ଆର୍ଥିକ ବର୍ଷ ବଜେଟ୍‌ର ତୁଳନାତ୍ମକ ବିବରଣୀ ନିମ୍ନଲିଖିତ ସାରଣୀରେ ଦର୍ଶାଯାଇଛି ।

(କୋଟି ଟଙ୍କା ହିସବରେ)

କ୍ରମିକ ସଂଖ୍ୟା	ପ୍ରକାର	2018-19 ଆର୍ଥିକ ବର୍ଷର ବଜେଟ୍ ଆକଳନ	2019-20 ଆର୍ଥିକ ବର୍ଷର ବଜେଟ୍ ଆକଳନ
1.	ପ୍ରଶାସନିକ ଖର୍ଚ୍ଚ	50,761	58,170
2.	କାର୍ଯ୍ୟକ୍ରମ ଖର୍ଚ୍ଚ	62,000	66,000
3.	ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରୁ ଖର୍ଚ୍ଚ	1,865	2,000
4.	ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତରିତ ହେଉଥିବା ଅର୍ଥରୁ ଖର୍ଚ୍ଚ	5,402	6,490
ମୋଟ -		**1,20,028**	**1,32,660**

2019-20 ଆର୍ଥିକ ବର୍ଷର ଏପ୍ରିଲ ରୁ ଜୁଲାଇ ମାସ ପର୍ଯ୍ୟନ୍ତ ଖର୍ଚ୍ଚ ବାବଦକୁ **56 ହଜାର 921 କୋଟି ଟଙ୍କା** ର ଲେଖାନୁଦାନ ଆଗତ କରାଯାଇଅଛି । ଏଥିରେ ପ୍ରାକୃତିକ ବିପର୍ଯ୍ୟୟ ଏବଂ ନିର୍ବାଚନ ସମ୍ବନ୍ଧୀୟ ଖର୍ଚ୍ଚ ବାବଦକୁ ମୋଟ୍ ବାର୍ଷିକ ବ୍ୟୟ ଅଟକଳର ଶତ ପ୍ରତିଶତ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦକୁ ବ୍ୟୟ ଅଟକଳର 40 ପ୍ରତିଶତ ଅନ୍ତର୍ଭୁକ୍ତ ।

1. ରାଜ୍ୟ ବଜେଟର ଗୁଣାତ୍ମକ ଦିଗ

- ❖ କାର୍ଯ୍ୟକ୍ରମ ଖର୍ଚ୍ଚ ର ପରିମାଣ **66 ହଜାର କୋଟି ଟଙ୍କା** ଅଟକଳ କରାଯାଇଛି ।
- ❖ ଏହି ବଜେଟ୍‌ରେ **କୃଷି ଓ ଆନୁସଙ୍ଗିକ କ୍ଷେତ୍ର** ପାଇଁ ବ୍ୟୟ ଅଟକଳ ଯଥେଷ୍ଟ ବୃଦ୍ଧି କରାଯାଇ **19 ହଜାର 557 କୋଟି ଟଙ୍କା** ଆକଳନ କରାଯାଇଅଛି ।

- ଶିକ୍ଷା ଏବଂ ଦକ୍ଷତା କ୍ଷେତ୍ର ପାଇଁ **19 ହଜାର 911 କୋଟି ଟଙ୍କା** ବ୍ୟୟ ବରାଦ ।
- ସ୍ୱାସ୍ଥ୍ୟ କ୍ଷେତ୍ରରେ **6 ହଜାର 708 କୋଟି ଟଙ୍କା**ର ବ୍ୟୟ ବରାଦ ।
- **ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ** ପାଇଁ **2 ହଜାର 935 କୋଟି ଟଙ୍କା**ର ପୁଞ୍ଜି ବିନିଯୋଗ ।
- ଅନୁସୂଚିତ ଜନଜାତି ଓ ଜାତି ମାନଙ୍କ ପାଇଁ ଚିହ୍ନିତ ଯୋଜନା ଦ୍ୱାରା କାର୍ଯ୍ୟକ୍ରମ ବ୍ୟୟ ମାଧ୍ୟମରେ **22 ହଜାର 44 କୋଟି ଟଙ୍କାର** ବ୍ୟୟ ବରାଦ ।
- ଉନ୍ନୟନ ଖର୍ଚ୍ଚ ବାବଦକୁ ଚିହ୍ନିତ ଅର୍ଥର ପରିମାଣ ମୋଟ ବଜେଟ୍ ଅଟକଳର 75 ପ୍ରତିଶତରୁ ଅଧିକ ଅଟେ ।
- ଟିକସ ଓ ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ଅନୁପାତ 2019-20(B.E) ରେ 6.1 ପ୍ରତିଶତ ହେବା ପାଇଁ ଅଟକଳ କରାଯାଇଛି ।
- ରାଜସ୍ୱ ବଳକା, ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର 1.6 ପ୍ରତିଶତ ହେବବୋଲି ଆକଳନ କରାଯାଇଛି ।
- ବିତ୍ତୀୟ ନିଅଣ୍ଟ, ଘରୋଇ ଉତ୍ପାଦର ଧାର୍ଯ୍ୟ ଲକ୍ଷ୍ୟର 3 ପ୍ରତିଶତ ମଧ୍ୟରେ ସୀମିତ ରହିବ ।

ବିଭାଗୱାରୀ ଆବଣ୍ଟନ

(କୋଟି ଟଙ୍କା ହିସବରେ)

ଦାବି ସଂଖ୍ୟା	ବିଭାଗ	ପ୍ରଶାସନିକ ବ୍ୟୟ	କାର୍ଯ୍ୟକ୍ରମ ବ୍ୟୟ	ବିପର୍ଯ୍ୟୟ ପ୍ରଶମନ ପାଣ୍ଠି	ରାଜ୍ୟରୁ ସ୍ଥାନାନ୍ତର	ସର୍ବ ମୋଟ
1	ସ୍ୱରାଷ୍ଟ୍ର ବିଭାଗ	4,529.54	761.03	-	-	5,290.57
2 ଓ 18	ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ	202.36	202.00	-	-	404.36
3	ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ	983.60	146.61	-	-	1,130.21
4	ଆଇନ ବିଭାଗ	413.26	27.77	-	-	441.03
5	ଅର୍ଥ ବିଭାଗ	28,820.35	-	-	-	28,820.35
6	ବାଣିଜ୍ୟ ବିଭାଗ	74.39	18.95	-	-	93.34
7	ନିର୍ମାଣ ବିଭାଗ	1,551.90	2,527.30	-	-	4,079.20
8	ଓଡିଶା ବିଧାନ ସଭା	80.17	-	-	-	80.17
9	ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ	76.26	1,057.89	-	-	1,134.15
10	ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ	10,280.83	6,119.17	-	-	16,400.00
11	ଅନିସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ	750.31	2,880.18	-	-	3,630.49

ଦାବି ସଂଖ୍ୟା	ବିଭାଗ	ପ୍ରଶାସନିକ ବ୍ୟୟ	କାର୍ଯ୍ୟକ୍ରମ ବ୍ୟୟ	ବିପର୍ଯ୍ୟୟ ପ୍ରଶମନ ପାଣ୍ଠି	ରାଜ୍ୟରୁ ସ୍ଥାନାନ୍ତର	ସର୍ବ ମୋଟ
12	ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ	2,391.48	4,316.04	-	-	6,707.52
13	ଗୃହ ନିର୍ମାଣ ଓ ପୌର ଉନ୍ନୟନ ବିଭାଗ	626.45	3,041.97	-	1,910.27	5,578.69
14	ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ	106.51	49.19	-	-	155.70
15	କ୍ରୀଡା ଓ ଯୁବସେବା ବିଭାଗ	35.31	226.00	-	-	261.31
16	ଯୋଜନା ଓ ସଂଯୋଜନ ବିଭାଗ	51.78	1,172.07	-	-	1,223.85
17	ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ	397.96	10,921.17	-	4,579.73	15,898.86
19	ଶିକ୍ଷ ବିଭାଗ	5.22	232.17	-	-	237.39
20	ଜଳ ସମ୍ପଦ ବିଭାଗ	1,266.61	8,446.82	-	-	9,713.43
21	ପରିବହନ ବିଭାଗ	109.20	490.37	-	-	599.58
22	ଜଙ୍ଗଲ ଓ ପରିବେଶ ବିଭାଗ	485.96	386.57	-	-	872.53
23	କୃଷି ଓ କୃଷକ ସଶକ୍ତିକରଣ ବିଭାଗ	839.22	6,713.05	-	-	7,552.27
24	ଇସ୍ପାତ ଓ ଖଣି ବିଭାଗ	62.72	59.52	-	-	122.24
25	ସୂଚନା ଓ ଲୋକସମ୍ପର୍କ ବିଭାଗ	52.83	52.50	-	-	105.33
26	ଅବକାରୀ ବିଭାଗ	119.81	10.00	-	-	129.81
27	ବିଜ୍ଞାନ ଓ ବୈଷୟିକ ବିଭାଗ	14.44	55.48	-	-	69.92
28	ଗ୍ରାମ୍ୟ ଉନ୍ନୟନ ବିଭାଗ	1,267.99	4,110.30	-	-	5,378.29
29	ସଂସଦୀୟ ବ୍ୟାପାର ବିଭାଗ	58.32	0.04	-	-	58.36
30	ଶକ୍ତି ବିଭାଗ	30.17	1,628.21	-	-	1,658.38
31	ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ	62.82	120.00	-	-	182.82
32	ପର୍ଯ୍ୟଟନ ବିଭାଗ	15.40	168.10	-	-	183.50
33	ମତ୍ସ୍ୟ ଓ ପଶୁ ସମ୍ପଦ ଉନ୍ନୟନ ବିଭାଗ	443.07	451.52	-	-	894.59
34	ସମବାୟ ବିଭାଗ	127.71	1,273.20	-	-	1,400.91
35	ସାଧାରଣ ଉଦ୍ୟୋଗ ବିଭାଗ	3.37	5.00	-	-	8.37
36	ମହିଳା ଓ ଶିଶୁ କଲ୍ୟାଣ ଓ ମିଶନ ଶକ୍ତି ବିଭାଗ	23.62	3,290.69	-	-	3,314.31
37	ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ	5.30	113.60	-	-	118.90
38	ଉଚ୍ଚ ଶିକ୍ଷା ବିଭାଗ	1,312.41	1,062.93	-	-	2,375.34
39	ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା ବିଭାଗ	322.55	394.49	-	-	717.04
40	ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ	72.26	120.21	-	-	192.47
41	ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ	62.17	3,101.75	-	-	3,163.92
42	ବିପର୍ଯ୍ୟୟ ପରିଚାଳନା ବିଭାଗ	3.52	103.06	2,000.00	-	2,106.58
43	ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ	30.85	143.05	-	-	173.90
ସର୍ବ ମୋଟ		**58,170.00**	**66,000.00**	**2,000.00**	**6,490.00**	**1,32,660.00**

2. କ୍ଷେତ୍ରୀୟ ମୁଖ୍ୟାଂଶ

(କ) କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ –

- କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ ପାଇଁ **19 ହଜାର 557 କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଅଛି । ପ୍ରଥମ କରି 2013-14 ଆର୍ଥିକ ବର୍ଷରେ ଉପସ୍ଥାପିତ ହୋଇଥିବା କୃଷି ବଜେଟ୍‌ରେ **7 ହଜାର କୋଟି 162 ଲକ୍ଷ** ଟଙ୍କାର ବ୍ୟୟ ବରାଦ ହୋଇଥିବା ବେଳେ ଏବେ ଏହା **173** ପ୍ରତିଶତକୁ ବୃଦ୍ଧି ପାଇଛି ।
- 2019-20 ବଜେଟ୍‌ରେ କୃଷି ଓ ଆନୁସଙ୍ଗିକ କାର୍ଯ୍ୟକ୍ରମ ପାଇଁ ବ୍ୟୟ ବରାଦ ଗତ ବର୍ଷ ଠାରୁ 16.7 ପ୍ରତିଶତ ଅଧିକ, ଯାହାକି ମୋଟ ବଜେଟ୍ ଆକଳନର 14.7 ପ୍ରତିଶତ ।
- ଚାଷୀ ମାନଙ୍କର ସାମଗ୍ରିକ କଲ୍ୟାଣ ନିମନ୍ତେ "**କାଳିଆ**" ଯୋଜନା ରେ **4 ହଜାର 461 କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଅଛି ।
- ବାଣିଜ୍ୟିକ ଓ ସମବାୟ ବ୍ୟାଙ୍କ ମାଧ୍ୟମରେ ଚାଷୀ ମାନଙ୍କୁ ସୁଧ ରିହାତି ନିମନ୍ତେ **800 କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଛି ।
- ଉନ୍ନତମାନର ବିହନ ଓ ସାର ଯୋଗାଣପାଇଁ ଗଠିତ ହୋଇଥିବା ପାଣ୍ଠିକୁ ଚାଲୁ ରଖିବାପାଇଁ **260 ଟଙ୍କା କୋଟି**ର ବ୍ୟୟବରାଦ କରାଯାଇଛି ।
- ରାଜ୍ୟ ସରକାରଙ୍କର "**କ୍ଷେତ ଯାନ୍ତ୍ରୀକରଣ ଯୋଜନା**" (Farm Mechanisation) ପାଇଁ ବଜେଟ୍ ରେ **295 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।
- **"ଜାତୀୟ କୃଷି ସମ୍ପ୍ରସାରଣ ଓ ବୈଷୟିକ ମିଶନ"** (National Mission on Agriculture Extension & Technology)ରେ **285 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।**
- ଉଦ୍ୟାନ କୃଷି, ଫୁଲ ଓ ମସଲା ଚାଷ ପାଇଁ ଜାତୀୟ ଉଦ୍ୟାନ କୃଷି ମିଶନ ଅଧିନରେ **100 କୋଟି ଟଙ୍କାର** ବ୍ୟୟ ବରାଦ ।
- ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବାବଦକୁ ରାଜ୍ୟ ସରକାରଙ୍କ ଅଂଶ ବାବଦରେ **400 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ଖାର ଜଳ ମାଛଚାଷ, ସାମୁଦ୍ରିକ ସଘନ ମାଛ ଚାଷ ଏବଂ ଆଭ୍ୟନ୍ତରୀଣ ମାଛ ଚାଷର ଉନ୍ନୟନ ନିମନ୍ତେ **63 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- **ନୀଳ ବିପ୍ଳବ** (Blue Revolution) ଯୋଜନା ଅଧୀନରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ମତ୍ସ୍ୟ ବିହନ ଉତ୍ପାଦନ କେନ୍ଦ୍ର, ଜଳ ଭଣ୍ଡାର ଗୁଡ଼ିକର ସମନ୍ୱିତ ଉନ୍ନୟନ, ଜଳାଶୟ ନବୀକରଣ ଏବଂ ମତ୍ସଜୀବଙ୍କର ଦକ୍ଷତା ବିକାଶ ନିମନ୍ତେ **83 କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଛି ।
- ଗୋପାଳନ ଓ ପଶୁଧନ ପରିଚାଳନା ପାଇଁ ଉଦ୍ଦିଷ୍ଟ **ଶ୍ୱେତ ବିପ୍ଳବ** (White Revolution) ଯୋଜନା ପାଇଁ **68 କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି ।

(ଖ) ଖାଦ୍ୟ ନିରାପତ୍ତା –

- ରାଜ୍ୟର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ମାଧ୍ୟମରେ 23 ଲକ୍ଷ ଅତିରିକ୍ତ ହିତାଧିକାରୀଙ୍କୁ ମାସକୁ 5 କିଲୋ ଚାଉଳ ରିହାତି ଦରରେ କେଜି ପିଛା 1 ଟଙ୍କା ମୂଲ୍ୟରେ ଯୋଗାଇ ଦିଆଯାଉଛି । ରାଜ୍ୟବାସୀଙ୍କୁ

କିଲୋ ପିଛା 1 ଟଙ୍କା ଦରରେ ଚାଉଳ ଯୋଗାଇଦେବା ପାଇଁ **1 ହଜାର 28 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

(ଗ) ସାମାଜିକ ନିରାପତ୍ତା ବ୍ୟବସ୍ଥା –

- **ମଧୁବାବୁ ପେନ୍‌ସନ୍ ଯୋଜନା**ରେ ୫0 ବର୍ଷରୁ କମ୍ ବୟସର ବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ପ୍ରତିମାସ 500 ଟଙ୍କା ହିସାବରେ ଓ ୫0 ବର୍ଷରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ମାସିକ 700 ଟଙ୍କା ହିସାବରେ ମୋଟ 48 ଲକ୍ଷ ଭତ୍ତା ପ୍ରଦାନ କରାଯାଉଛି । ଏଥିପାଇଁ ବଜେଟରେ **2 ହଜାର 120 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।
- National Social Assistance Programme ପାଇଁ **863 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି (MGNREGA)ଯୋଜନାରେ ମ୍ୟାଟେରିଆଲ୍ କମ୍ପୋନେଣ୍ଟ୍ (Material Component) ପାଇଁ **1 ହଜାର 201 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି । ଏହି ଯୋଜନା ଅନୁଯାୟୀ ଶ୍ରମିକମାନଙ୍କର ମଜୁରୀ ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାର ବ୍ୟବସ୍ଥା ଅଛି ।

(ଘ) ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସେବା –

- **"ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ"** ଯୋଜନାରେ ମାଗଣା ଔଷଧ ଯୋଗାଇବାପାଇଁ ପୁରୁଷ ହିତାଧିକାରୀଙ୍କ କ୍ଷେତ୍ରରେ ପରିବାର ପିଛା 5 ଲକ୍ଷ ଟଙ୍କା ଓ ମହିଳା ହିତାଧିକାରୀଙ୍କ କ୍ଷେତ୍ରରେ ପରିବାର ପିଛା 7 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଦେବାପାଇଁ ମୋଟ **864 କୋଟି ଟଙ୍କାର** ବ୍ୟୟ ବରାଦ ।
- **ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ ସେବା ମିଶନ** ମାଧ୍ୟମରେ ସ୍ୱାସ୍ଥ୍ୟ ସେବା ଭିତ୍ତିଭୂମିର ବିକାଶ ପାଇଁ **578** କୋଟି ଟଙ୍କା ବ୍ୟୟବରାଦର ପ୍ରସ୍ତାବ ରହିଛି ।
- ଭେଷଜ ମହାବିଦ୍ୟାଳୟ ଗୁଡ଼ିକୁ ସହାୟତା ବାବଦକୁ **128 କୋଟି ଟଙ୍କା**ର ବ୍ୟୟବରାଦ ।
- ଶିଶୁ ଓ ମାତୃ ମୃତ୍ୟୁହାର ସମ୍ପୂର୍ଣ୍ଣ ନିରାକରଣ ଯୋଜନା (**SAMPURNA**), ମାଧ୍ୟମରେ ଶିଶୁ ଓ ମାତୃ ମୃତ୍ୟୁହାରକୁ ଦ୍ରୁତ ହ୍ରାସ କରିବା ପାଇଁ **113 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ **1** ହଜାର **323** କୋଟି ଟଙ୍କା ବ୍ୟୟ ବରାଦ ।

(ଙ) ମହିଳା ସଶକ୍ତିକରଣ –

- ଏଯାବତ୍ **ମମତା** ଯୋଜନାରେ **1 ହଜାର 655 କୋଟି ଟଙ୍କା** ବ୍ୟୟ କରାଯାଇ 35 ଲକ୍ଷ 69 ହଜାର ହିତାଧିକାରୀଙ୍କୁ ସୁବିଧା ଯୋଗାଇ ଦିଆଯାଇଛି । 2019-20 ଏଥିପାଇଁ **305 କୋଟି ଟଙ୍କା**ର ବ୍ୟୟବରାଦ ।
- ସମନ୍ୱିତ ଶିଶୁ ବିକାଶ ଯୋଜନାରେ **1 ହଜାର 59 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି । ଏଥିପାଇଁ କେନ୍ଦ୍ର ଓ ରାଜ୍ୟ 60:40 ଅନୁପାତରେ ଅର୍ଥ ଯୋଗାଇ ଦେବେ । ଏହି ଯୋଜନା ବାବଦକୁ ଅତିରିକ୍ତ ରାଜ୍ୟ ସହାୟତା **351 କୋଟି ଟଙ୍କା**ର ବ୍ୟବସ୍ଥା କରାଯାଇଛି ।
- Supplementary Nutrition Programme ଅଧିନରେ **1 ହଜାର 36 କୋଟି** ଟଙ୍କାର ବ୍ୟୟବରାଦ ।

- **ମାଳତୀଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ** ଯୋଜନାରେ ପ୍ରାକ୍-ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଥିବା ପିଲାମାନଙ୍କୁ ୟୁନିଫର୍ମ ଯୋଗାଇ ଦେବାକୁ **58 କୋଟି ଟଙ୍କାର** ବ୍ୟୟବରାଦ ।
- **ମୁଖ୍ୟମନ୍ତ୍ରୀ ମହିଳା ସଶକ୍ତିକରଣ ଯୋଜନା** ଅଧୀନରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ଏବଂ ମିଶନ ଶକ୍ତି ଅଧୀନରେ ସେମାନଙ୍କର ସଂଘ ପାଇଁ **301 କୋଟି ଟଙ୍କାର** ସହାୟତା ।

(ଚ) ଅନୁସୂଚିତ ଜନଜାତିର ବିକାଶ –

- **"ଆକାଂକ୍ଷା"** ଯୋଜନାରେ ଅନୁସୂଚୀତ ଜନଜାତି ଛାତ୍ରୀମାନଙ୍କ ଉଚ୍ଚ ଶିକ୍ଷା ଚାଲୁ ରଖିବା ପାଇଁ ନଗରାଞ୍ଚଳରେ ଛାତ୍ରାବାସ ନିର୍ମାଣ ନିମନ୍ତେ **226 କୋଟି ଟଙ୍କାର** ବ୍ୟୟବରାଦ କରାଯାଉଛି ।
- **ପ୍ରି-ମାଟ୍ରିକ୍ ଓ ପୋଷ୍ଟ-ମାଟ୍ରିକ୍** ବୃତ୍ତି ପାଇଁ ୨୫୨ କୋଟି ଟଙ୍କାର ବ୍ୟୟବରାଦ ।

(ଛ) ଯୁବ କଲ୍ୟାଣ ଏବଂ କ୍ରୀଡାର ପ୍ରୋତ୍ସାହନ –

- ଯୁବବର୍ଗଙ୍କ ମଧ୍ୟରେ ନେତୃତ୍ୱ ଓ ସ୍ୱେଚ୍ଛାକୃତ ସେବା ମନୋବୃତ୍ତିକୁ ଉତ୍ସାହିତ କରିବା, କ୍ରୀଡା ଓ ଖେଳୁଆଡ ମନୋଭାବର ବିକାଶ, ସ୍ୱାସ୍ଥ୍ୟମୟ ଜୀବନ ଯାପନ, ଉତ୍ସାହୀ ଯୁବଗୋଷ୍ଠୀର ଏକତ୍ରୀକରଣ ପାଇଁ ମଞ୍ଚ ସୃଷ୍ଟି ଓ ଯୁବଗୋଷ୍ଠୀଙ୍କ ମଧ୍ୟରେ ସମନ୍ୱୟ ନିମନ୍ତେ **ବିଜୁ ଯୁବ ବାହିନୀ** କାର୍ଯ୍ୟକ୍ରମ ପାଇଁ **105 କୋଟି ଟଙ୍କାର** ବ୍ୟୟବରାଦ ।
- କ୍ରୀଡା ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ **80 କୋଟି ଟଙ୍କାର** ବ୍ୟୟବରାଦ ।
- କ୍ରୀଡା ଓ ଶାରିରୀକ ଶିକ୍ଷାର ପ୍ରୋତ୍ସାହନ ପାଇଁ **35 କୋଟି ଟଙ୍କା**ର ବ୍ୟୟବରାଦ ।

(ଜ) ଶିକ୍ଷା –

- ଓଡିଶା ଆଦର୍ଶ ବିଦ୍ୟାଳୟ ଯୋଜନା ଅଧୀନରେ ବିଦ୍ୟାଳୟର ସ୍ଥାପନା ଓ ପରିଚାଳନା ଖର୍ଚ୍ଚ ପାଇଁ **300 କୋଟି ଟଙ୍କା**ର ବ୍ୟୟବରାଦ ।
- ସମଗ୍ର ଶିକ୍ଷା ଓ ମଧ୍ୟାହ୍ନ ଭୋଜନ ଯୋଜନା ପାଇଁ ଯଥାକ୍ରମେ **2 ହଜାର 550 କୋଟି ଟଙ୍କା ଓ 844 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ଯେଉଁଥିରେ 40 ପ୍ରତିଶତ ରାଜ୍ୟ ଅଂଶ ଅଟେ । ଏଥିସହିତ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇଖର୍ଚ୍ଚ ତୁଲେଇବାକୁ **58 କୋଟି ଟଙ୍କା** ଓ ସମଗ୍ର ଶିକ୍ଷାର ପ୍ରଚଳନ ପାଇଁ ରାଜ୍ୟର ସହାୟତା ବାବଦରେ **375 କୋଟି ଟଙ୍କା** ର ବ୍ୟୟବରାଦ ।
- **ଗଙ୍ଗାଧର ମେହର ଶିକ୍ଷା ମାନକ ବୃଦ୍ଧି ଯୋଜନା (GMSMY)** ଅଧୀନରେ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମାଗଣା ସ୍କୁଲ ବ୍ୟାଗ୍, ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ମାଗଣା ବହି, ଯୋତା ସମେତ ସ୍କୁଲ ୟୁନିଫର୍ମ ଏବଂ ସରକାରୀ ଓ ବେସରକାରୀ ଅନୁଦାନ ପ୍ରାପ୍ତ ନବମ ଶ୍ରେଣୀ, ସଂସ୍କୃତ ଟୋଲ ଏବଂ ମଦ୍ରାସାରେ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମାଗଣା ସାଇକେଲ ପ୍ରଦାନ କରିବାକୁ **239 କୋଟି ଟଙ୍କା**ର ବ୍ୟୟବରାଦ ।
- ମାଧ୍ୟମିକ ବିଦ୍ୟାଳୟମାନଙ୍କର ଭିତ୍ତିଭୂମିର ବିକାଶ ପାଇଁ **"ମୋ ସ୍କୁଲ ଅଭିଯାନ"** ଯୋଜନା ରାଜ୍ୟର ଜନସାଧାରଣ ଏବଂ ପୂର୍ବତନ ଛାତ୍ରଛାତ୍ରୀ ମାନଙ୍କୁ ନିୟୋଜିତ କରି ଆରମ୍ଭ କରାଯାଇଛି । ଏହି ଯୋଜନାରେ ସରକାର ଜନସାଧାରଣଙ୍କ ଦ୍ୱାରା ପ୍ରଦତ୍ତ ରାଶିର ଦୁଇଗୁଣ ପ୍ରଦାନ କରି ବିଜ୍ଞାନାଗାର,

ପାଠାଗାର ଓ କ୍ରୀଡାର ବିକାଶ କରିବେ । ଏଥିପାଇଁ **40 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।

- ❖ ଉଚ୍ଚ ମାଧ୍ୟମିକ ଶିକ୍ଷା ସମାପ୍ତି ପରେ ମେଧାବୀ ଛାତ୍ରଛାତ୍ରୀଙ୍କୁ **ଲାପ୍‌ଟପ୍** ଯୋଗାଇ ଦେବା ନିମନ୍ତେ **40 କୋଟି ଟଙ୍କା** ବ୍ୟୟ ବରାଦ ।
- ❖ ଉଚ୍ଚଶିକ୍ଷା ଅନୁଷ୍ଠାନ ଗୁଡିକରେ ଭିତ୍ତିଭୂମିର ବିକାଶ ପାଇଁ **150 କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି ।**
- ❖ **ଉଚ୍ଚଶିକ୍ଷା ଏବଂ ବୈଷୟିକ ଶିକ୍ଷାର ଗୁଣାତ୍ମକ ମାନର ଅଭିବୃଦ୍ଧି ପାଇଁ "ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ" (RUSA)** ଯୋଜନାରେ **225 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।
- ❖ ବୈଷୟିକ ବିଶ୍ୱବିଦ୍ୟାଳୟ, ଯାନ୍ତ୍ରିକ ମହାବିଦ୍ୟାଳୟ, ଯାନ୍ତ୍ରିକ ବିଦ୍ୟାଳୟ, ପଲିଟେକନିକ୍ ଓ ITI ଗୁଡିକର ଭିତ୍ତିଭୂମି ବିକାଶପାଇଁ **190 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

(ଝ) କୁଶଳୀ ଓଡିଶା

- ❖ ରାଜ୍ୟରେ ବିଶ୍ୱସ୍ତରୀୟ ପ୍ରତିଯୋଗୀ ତଥା ଉଚ୍ଚ ତାଲିମପ୍ରାପ୍ତ କୁଶଳୀ ଶ୍ରମଶକ୍ତି ସୃଷ୍ଟି କରିବା ନିମନ୍ତେ Asian Development Bank ର ସହାୟତାରେ **ଓଡିଶା ଦକ୍ଷତା ବିକାଶ ପ୍ରକଳ୍ପ** ଅଧୀନରେ ଗୋଟିଏ ବିଶ୍ୱ ଦକ୍ଷତା କେନ୍ଦ୍ର ଏବଂ ITI/Polytechnic ଗୁଡିକର ଉନ୍ନତିକରଣ ତଥା ଉଚ୍ଚମାନର ଦକ୍ଷତା ତାଲିମ କେନ୍ଦ୍ର ପ୍ରତିଷ୍ଠା ପାଇଁ 100 କୋଟି ଟଙ୍କାର ବ୍ୟୟ ବରାଦ ।

(ଞ) ଗ୍ରାମ୍ୟ ଉନ୍ନୟନ

- ❖ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନା ଏବଂ ବିଜୁ ପକ୍କାଘର ଯୋଜନାର ସଂଯୋଜନ ମାଧ୍ୟମରେ **3 ହଜାର 600 କୋଟି ଟଙ୍କା**ର ବ୍ୟୟ ବରାଦ ।
- ❖ **BASUDHA ଯୋଜନାରେ** ଗ୍ରାମାଞ୍ଚଳ ଜଳଯୋଗାଣ ପାଇଁ **2 ହଜାର 500 କୋଟି ଟଙ୍କା** ଏବଂ **435 କୋଟି ଟଙ୍କା** ବ୍ୟୟ ଅଟକଳ କରାଯାଇଛି ।
- ❖ ଜନସାଧାରଣଙ୍କୁ ସରକାରଙ୍କର ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ସଚେତନ କରିବା ସହିତ ବିଭିନ୍ନ ଯୋଜନାର ଯୋଗ୍ୟ ହିତାଧିକାରୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ସୁନିଶ୍ଚିତ କରିବାପାଇଁ "ଆମ ଗାଁ ଆମ ବିକାଶ –ପିଠା" ରେ 400 କୋଟି ଟଙ୍କାର ବ୍ୟୟ ବରାଦ ।
- ❖ ସ୍ୱଚ୍ଛ ଭାରତ ମିଶନ ଅଧୀନରେ ଗ୍ରାମାଞ୍ଚଳ ପାଇଁ **1 ହଜାର 600 କୋଟି ଟଙ୍କା** ବ୍ୟୟ ବରାଦ ।
- ❖ ଚତୁର୍ଦ୍ଦଶ ଅର୍ଥ କମିଶନ ଓ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ କ୍ରମେ ପଞ୍ଚାୟତିରାଜ ସଂସ୍ଥା ପାଇଁ ଯଥାକ୍ରମେ **2 ହଜାର 682 କୋଟି ଟଙ୍କା** ଏବଂ **1 ହଜାର 898 କୋଟି ଟଙ୍କା** ପ୍ରଦାନ କରିବାକୁ ପ୍ରସ୍ତାବ ରଖାଯାଇଛି ।
- ❖ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGSY) ରେ ରାସ୍ତା ନିର୍ମାଣ ପାଇଁ **2 ହଜାର 900 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି ।
- ❖ ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (PMGSY) ରେ ଅନ୍ତର୍ଭୁକ୍ତ ନଥିବା ଅଞ୍ଚଳଗୁଡିକୁ ରାସ୍ତା ସଂଯୋଗୀକରଣ ପାଇଁ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ **50 କୋଟି ଟଙ୍କା** ବ୍ୟବସ୍ଥା କରାଯାଇଛି ।

- ❖ ଚରମ ବାମପନ୍ଥୀ ଉପଦ୍ରୁତ ଜିଲ୍ଲା ଅଧିନରେ ଥିବା ଅଗମ୍ୟ ବିଚ୍ଛିନ୍ନାଞ୍ଚଳର ସଂଯୋଗୀକରଣ ପାଇଁ **"ବିଚ୍ଛିନ୍ନ ଗ୍ରାମକୁ ସଂଯୋଗୀକରଣ"** (Connecting Unconnected Villages) ଯୋଜନାରେ **50 କୋଟି ଟଙ୍କା**ର ବ୍ୟୟ ବରାଦ ।
- ❖ ବିଜୁ କେବିକେ ଯୋଜନାରେ ସଡ଼କ, ବିଜୁଳି ଓ ପାଣି ପ୍ରକଳ୍ପର ସଫଳ ରୂପାୟନ ପାଇଁ **120 କୋଟି ଟଙ୍କାର** ବ୍ୟୟ ବରାଦ କରାଯାଇଛି ।

(ଟ) ଜଳସେଚନର ସଂପ୍ରସାରଣ

- ❖ **ପାର୍ବତୀଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ** ପାଇଁ **1 ହଜାର 777 କୋଟି ଟଙ୍କା** ର ବ୍ୟୟବରାଦ ।
- ❖ 2019-20 ଆର୍ଥିକ ବର୍ଷରେ ତ୍ୱରିତ ଜଳସେଚନ ସୁବିଧା ଯୋଜନା (Accelerate Irrigation Benefit Programme) ନିମନ୍ତେ **2 ହଜାର 175 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି । ଏହାପାଇଁ NABARD ଅଧିନରେ ଦୀର୍ଘମିଆଦୀ ଜଳସେଚନ ପାଣ୍ଠି (Long Term Irrigation Fund) ସହ ଅନୁବନ୍ଧନ କରାଯାଇଛି ।
- ❖ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନା (MATY) ଅଧିନରେ **402 କୋଟି ଟଙ୍କା** ବ୍ୟୟ ବରାଦ ।
- ❖ ଅଚଳ ଉଠା ଜଳସେଚନର ପୁନରୁଦ୍ଧାର ଲାଗି **110 କୋଟି ଟଙ୍କାର** ବ୍ୟୟ ବରାଦ ।
- ❖ **ଗଭୀର ନଳକୂପ ଖନନ** ନିମନ୍ତେ **300 କୋଟି ଟଙ୍କା** ଏବଂ **ବିଜୁ କୃଷକ ବିକାଶ ଯୋଜନା** ଅନ୍ତର୍ଗତ **ଗୋଷ୍ଠୀ ଉଠା ଜଳସେଚନ ପ୍ରକଳ୍ପ** ନିର୍ମାଣ ନିମନ୍ତେ **400 କୋଟି ଟଙ୍କା** ର ବ୍ୟୟ ବରାଦ ।
- ❖ **ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା** ଅଧୀନରେ କୃଷି ବିଭାଗ ମାଧ୍ୟମରେ **ଅଣୁ ଜଳସେଚନ** ନିମନ୍ତେ **218 କୋଟି ଟଙ୍କା** ର ବ୍ୟୟ ବରାଦ ।
- ❖ ଜଳ ସଞ୍ଚାଳନ ଜନିତ କ୍ଷତିକୁ କମାଇବା ପାଇଁ Canal Lining System Rehabilitation Programme (CLSRP) ଅଧୀନରେ କେନାଲ ଆସ୍ତରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ନିମନ୍ତେ **210 କୋଟି ଟଙ୍କା** ର ବ୍ୟୟ ବରାଦ ।
- ❖ **ବନ୍ୟା ନିୟନ୍ତ୍ରଣ ଓ ଜଳ ନିଷ୍କାସନ** ପାଇଁ **960 କୋଟି ଟଙ୍କା**ର ବ୍ୟୟ ବରାଦ ।

(ଠ) ରେଳବାଇ ପ୍ରକଳ୍ପରେ ନିବେଶ

- ❖ ରେଳ ଭିତ୍ତିଭୂମିର ତ୍ୱରିତ ଉନ୍ନତିକରଣ ପାଇଁ **400 କୋଟି ଟଙ୍କାର** ବ୍ୟୟ ବରାଦ ।
- ❖ SPV ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପ ଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ **10 କୋଟି ଟଙ୍କାର** ବ୍ୟୟବରାଦ ।

(ଡ) ଶିଳ୍ପରେ ଆର୍ଥିକ ନିବେଶ

- ❖ ଶିଳ୍ପ ବିଭାଗ ଲାଗି ବ୍ୟୟ ବରାଦକୁ **237 କୋଟି ଟଙ୍କାକୁ** ବୃଦ୍ଧି କରାଯାଇଛି ଯେଉଁଥିରେ IPR ବାବଦକୁ ବକେୟା ରାଶି ହିସାବରେ 1୪୪ କୋଟି ଟଙ୍କା ପ୍ରଦାନ ଅନ୍ତର୍ଭୁକ୍ତ ।
- ❖ **ହସ୍ତତନ୍ତ, ହସ୍ତଶିଳ୍ପ, ରେଶମ ଶିଳ୍ପ ଏବଂ ବୟନ ଶିଳ୍ପ କ୍ଷେତ୍ର** ପାଇଁ **183 କୋଟି ଟଙ୍କା ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ** (MSME) କ୍ଷେତ୍ର ନିମନ୍ତେ **192 କୋଟି** ଟଙ୍କା ବ୍ୟୟ ବରାଦ ।

(ଢ) ସହରାଞ୍ଚଳ ଉନ୍ନୟନ

- ସହରାଞ୍ଚଳ ଭିତ୍ତିଭୂମି ବିକାଶ ପାଇଁ UNNATI ଯୋଜନାରେ **401 କୋଟି ଟଙ୍କା**ର ବ୍ୟୟବରାଦ ।
- ସରକାରୀ ଓ ଘରୋଇ ଭାଗିଦାରୀରେ ଭୁବନେଶ୍ୱରରେ ପରିବହନ ବ୍ୟବସ୍ଥାର ଉନ୍ନତି କରଣ ପାଇଁ **125 କୋଟି ଟଙ୍କା**ର ବ୍ୟୟବରାଦ ।
- ସହରାଞ୍ଚଳରେ ବସ୍ତି ବାସଗୃହ ନିର୍ମାଣ ପାଇଁ **400 କୋଟି ଟଙ୍କାର** ଅତିରିକ୍ତ ବ୍ୟୟବରାଦ । ଏହିପରି ଭାବେ ବାସଗୃହ କ୍ଷେତ୍ର ପାଇଁ ମୋଟ **4 ହଜାର କୋଟି ଟଙ୍କା** ର ବ୍ୟୟବରାଦ ।
- **BASUDHA ଯୋଜନାରେ** ସହରାଞ୍ଚଳ ଜଳଯୋଗାଣ ପାଇଁ **435 କୋଟି ଟଙ୍କା** ବ୍ୟୟ ଅଟକଳ ।
- ଚତୁର୍ଦ୍ଦଶ ଅର୍ଥ ଆୟୋଗ ଓ ଚତୁର୍ଥ ରାଜ୍ୟ ଅର୍ଥ ଆୟୋଗଙ୍କ ସୁପାରିଶ ଭିତ୍ତିରେ ରାଜ୍ୟର ସହରାଞ୍ଚଳ ନିକାୟ ସଂସ୍ଥାକୁ ଯଥାକ୍ରମେ **542 କୋଟି ଓ 1 ହଜାର 288 କୋଟି ଟଙ୍କା** ହସ୍ତାନ୍ତର କରାଯିବାର ପ୍ରସ୍ତାବ ଅଛି ।
- ନଗରାଞ୍ଚଳ ପୁନର୍ଜୀବନ ଏବଂ ନଗରାଞ୍ଚଳ ରୂପାନ୍ତରୀକରଣ ପାଇଁ AMRUT (ଅମୃତ) ଯୋଜନାରେ **400 କୋଟି ଟଙ୍କା** ଏବଂ "ଜାତୀୟ ସହରାଞ୍ଚଳ ଜୀବିକା ମିଶନ" ପାଇଁ **52 କୋଟି ଟଙ୍କାର** ବ୍ୟୟବରାଦ କରାଯାଇଛି ।
- JICA ସହାୟତାରେ କାର୍ଯ୍ୟକାରୀ ହେଉଥିବା କଟକ ଓ ଭୁବନେଶ୍ୱରର ସ୍ୱରେଜ୍ ପ୍ରକଳ୍ପ ପାଇଁ **136 କୋଟି ଟଙ୍କା**ର ବ୍ୟୟବରାଦର ପ୍ରସ୍ତାବ ରହିଛି ।
- ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସହରାଞ୍ଚଳ ପାଇଁ **90 କୋଟି ଟଙ୍କା** ବ୍ୟୟ ବରାଦ ।

(ଣ) ଭିତ୍ତିଭୂମି ବିକାଶ

- ରାଜ୍ୟର ରାସ୍ତା ନିର୍ମାଣ ଓ ଉନ୍ନତିକରଣ ପାଇଁ **ରାସ୍ତା ଉନ୍ନତିକରଣ ପ୍ରକଳ୍ପ** ଅଧୀନରେ **1 ହଜାର 300 କୋଟି ଟଙ୍କା** ର ବ୍ୟୟ ବରାଦ ।
- ଓଡିଶା ବିତରଣ ବ୍ୟବସ୍ଥା ସୁଦୃଢୀକରଣ ଯୋଜନାରେ ନୂତନ 33×11 କେ.ଭି. ସବଷ୍ଟେସନ ନିର୍ମାଣ ନିମିତ୍ତ **533 କୋଟି ଟଙ୍କା** ବ୍ୟୟ ବରାଦ ।
- 24 ଘଣ୍ଟିଆ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଣ ନିମନ୍ତେ ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତ ସରବରାହ ଉନ୍ନତି ପ୍ରଣାଳୀ (State Capital Region Improvement of Power System-SCRIPS) ଯୋଜନାରେ **100 କୋଟି ଟଙ୍କା**ର ବ୍ୟୟ ବରାଦ କରାଯାଇଛି ।
- **ରାଜ୍ୟ ରାଜପଥ ଉନ୍ନୟନ କାର୍ଯ୍ୟକ୍ରମ** (SHDP) ଅନ୍ତର୍ଗତ ରାଜ୍ୟ ରାଜପଥ ଦୋହରିକରଣ ପାଇଁ **200 କୋଟି ଟଙ୍କା,** ସରକାରୀ ଓ ଘରୋଇ ଭାଗିଦାରୀ (PPP) ମାଧ୍ୟମରେ ସଡ଼କ ପ୍ରକଳ୍ପ ନିମିତ୍ତ **65 କୋଟି ଟଙ୍କା,** ପଶ୍ଚିମ ଓଡ଼ିଶା ଓ କେବିକେ ଜିଲ୍ଲାରେ ସଂଯୋଗୀକରଣର ଉନ୍ନତି ପାଇଁ **ବିଜୁ ଏକ୍ସପ୍ରେସ୍ ୱେ ଯୋଜନା**ରେ **50 କୋଟି ଟଙ୍କା** ଓ କେନ୍ଦ୍ର ସଡ଼କ ପାଣ୍ଠି ପ୍ରକଳ୍ପ ପାଇଁ **250 କୋଟି ଟଙ୍କା** ର ବ୍ୟୟବରାଦ ପ୍ରସ୍ତାବ ରହିଛି ।
- ସେତୁ ନିର୍ମାଣ ପାଇଁ ବିଜୁ ସେତୁ ଯୋଜନା ଅଧୀନରେ 500 କୋଟି ଟଙ୍କା ବ୍ୟୟବରାଦ ।

(ତ) ବିପର୍ଯ୍ୟୟ ପରିଚାଳନା

- ❖ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ପାଇଁ ମୋଟ **2 ହଜାର କୋଟି ଟଙ୍କା** ବ୍ୟୟବରାଦ ମଧ୍ୟରୁ SDRF ପାଇଁ **909 କୋଟି ଟଙ୍କା** ଏବଂ NDRF ପାଇଁ **1 ହଜାର 91 କୋଟି ଟଙ୍କା** ।

3. 2019-20 (ବଜେଟ୍ ଆକଳନ) ରେ ବିତ୍ତୀୟ ଉତ୍ତରଦାୟୀ ଓ ବଜେଟ୍ ପରିଚାଳନା ର ଅନୁପାଳନ –

- ❖ ଆନୁମାନିକ **ରାଜସ୍ୱ ବଳକା**, ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର **1.56 ପ୍ରତିଶତ** ଅଟେ ଏବଂ ଏହା FRBM ଅନୁପାଳନ ଅନୁସାରେ ଶୂନ୍ୟ ରାଜସ୍ୱ ନିଅଣ୍ଟ ମଧ୍ୟରେ ସୀମିତ ଅଟେ ।
- ❖ **ବିତ୍ତୀୟ ନିଅଣ୍ଟ** ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦର ଧାର୍ଯ୍ୟ ଲକ୍ଷ୍ୟ **3 ପ୍ରତିଶତ** ମଧ୍ୟରେ ସୀମିତ ଅଟେ ।
- ❖ **ସୁଧ ଦେୟ ଓ ରାଜସ୍ୱ ଆଦାୟ (IP/RR)ର ଅନୁପାତ** କୁ **5.87 ପ୍ରତିଶତ** ମଧ୍ୟରେ ସୀମିତ କରାଯାଇଛି ଯାହାକି FRBM ଅନୁପାଳନର 15 ପ୍ରତିଶତରୁ କମ୍ ଅଟେ ।
- ❖ ବକେୟା **ଋଣ ଓ ରାଜ୍ୟ ସାମଗ୍ରିକ ଘରୋଇ ଉତ୍ପାଦ ଅନୁପାତ** 2019-20 ଆର୍ଥିକ ବର୍ଷ ଶେଷରେ ଆନୁମାନିକ **19.20** ପ୍ରତିଶତ ଯାହାକି FRBM ଅନୁପାଳନର 25 ପ୍ରତିଶତରୁ କମ୍ ଅଟେ ।
- ❖ **2019-20 ଆର୍ଥିକ ବର୍ଷର ଲେଖାନୁଦାନ ବଜେଟ FRBM କୁ ଅନୁପାଳନ କରୁଅଛି ।**

4. ଆର୍ଥିକ ପରିଚାଳନା ସଂସ୍କାର –

(କ) ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥାର ଉନ୍ନତି ବିଧାନ (IFMS-2.0):

ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (IFMS)କ୍ଷେତ୍ରରେ ଓଡିଶା ସମଗ୍ର ଦେଶରେ ଏକ ଅଗ୍ରଣୀ ରାଜ୍ୟ ଅଟେ । ସମସ୍ତ ସରକାରୀ ଅର୍ଥ କାରବାରକୁ ସମ୍ପୂର୍ଣ୍ଣ ଭାବେ ଅନ୍‌ଲାଇନ ମାଧ୍ୟମରେ ସମ୍ପନ୍ନ କରିବା ପାଇଁ ଓଡିଶା IFMS 2.0 ବ୍ୟବସ୍ଥାକୁ ପ୍ରଚଳନ କରାଯାଉଛି । ଏହାଦ୍ୱାରା ଆଗାମୀ ଦିନମାନଙ୍କରେ ରାଜ୍ୟ ସରକାରଙ୍କର ସମସ୍ତ ଆର୍ଥିକ କାରବାରକୁ ପେପରଲେସ୍ କରାଯାଇ ପାରିବ ।

(ଖ) ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (IFMS) ସହିତ ଏସ୍.ବି.ଆଇ.ଇ-ପେ ର ସହବନ୍ଧନ :

ଓଡିଶା କୋଷାଗାର ପୋର୍ଟାଲରେ ଅନଲାଇନ ଓ ଅଫ୍‌ଲାଇନ ମାଧ୍ୟମରେ କର ପ୍ରଦାନ ପାଇଁ ଓଡିଶା ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା ସହିତ ଏସ୍.ବି.ଆଇ. ଇ-ପେ ର ସହବନ୍ଧନ ହୋଇଛି । ଏହି ନୂତନ ବ୍ୟବସ୍ଥା ଦ୍ୱାରା ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ପରିବହନ, ଶିଳ୍ପ ଓ ଇସ୍ପାତ ଓ ଖଣି ବିଭାଗରେ ଇ-ପେମେଣ୍ଟକୁ ପ୍ରୋତ୍ସାହନ ମିଳିବା ସହିତ ସୁବିଧାରେ ବ୍ୟବସାୟ ବାତାବରଣ ସୃଷ୍ଟି କରିବାରେ ସହାୟକ ହେବ ।

(ଗ) ସରକାରୀ ଆର୍ଥିକ ପରିଚାଳନା ପଦ୍ଧତି (PFMS):

- ❖ ସରକାରୀ ଆର୍ଥିକ ପରିଚାଳନା ପଦ୍ଧତି ପ୍ରଣୟନ କରି ଅନେକ କାର୍ଯ୍ୟକାରୀ ସଂସ୍ଥା ମାଧ୍ୟମରେ ଅର୍ଥ ବିନିଯୋଗର ନୀରିକ୍ଷଣ କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ଭାବରେ ପରିଗଣିତ ହୋଇପାରିଛି । ଓଡିଶା ସମନ୍ୱିତ ଆର୍ଥିକ ପରିଚାଳନା ବ୍ୟବସ୍ଥା (IFMS) ସହିତ ସରକାରୀ ଆର୍ଥିକ ପରିଚାଳନା ପଦ୍ଧତି (PFMS)ର ସଂଯୋଗୀକରଣ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଅଛି । PFMS ର କାର୍ଯ୍ୟକାରିତା ପାଇଁ ବିଭିନ୍ନ ବିଭାଗ ଓ କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ସହାୟତା ଯୋଗାଇବା ନିମିତ୍ତ କୋଷାଗାର ଓ ପରିଦର୍ଶନ ନିର୍ଦ୍ଦେଶାଳୟରେ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ (SPMU) ପ୍ରତିଷ୍ଠା

କରାଯାଇଛି । PFMS କାର୍ଯ୍ୟକାରିତାକୁ ନିୟମିତ ସମୀକ୍ଷା କରିବା ପାଇଁ ରାଜ୍ୟ ଉପଦେଷ୍ଟା ମଣ୍ଡଳୀ ପ୍ରତିଷ୍ଠା କରାଯାଇଛି ।

(ଘ) ଇଲେକ୍ଟ୍ରୋନିକ୍ ଜରିଆରେ ପେନସନ୍ ପ୍ରଦାନ ପ୍ରକ୍ରିୟା ଓ ବେସରକାରୀ ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ କର୍ମଚାରୀମାନଙ୍କର ଅନ୍ତିମ ଦେୟ ପ୍ରଦାନର ତୁରନ୍ତ ସମାଧାନ:

❖ ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନଙ୍କର ପେନ୍‌ସନ୍ IFMS ରେ ଇଲୋକ୍ଟ୍ରୋନିକ୍ ମାଧ୍ୟମରେ ଅନୁମୋଦନ କରାଯାଉଛି । ଏହା ପେନ୍‌ସନ୍ ପ୍ରଦାନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରୁଅଛି ।

(ଙ) ଅନ୍ ଲାଇନ୍‌ରେ ପେନ୍‌ସନ୍ ସଂଶୋଧନ ପାଇଁ "ଅର୍ପଣ" ପୋର୍ଟାଲ୍‌ର ପ୍ରଚଳନ:

❖ 2017 ନଭେମ୍ବର ମାସରେ ରାଜ୍ୟ ସରକାର ଅନ୍ ଲାଇନ୍‌ରେ ପେନ୍‌ସନ୍ ସଂଶୋଧନ ପାଇଁ "ଅର୍ପଣ" ପୋର୍ଟାଲ୍ କାର୍ଯ୍ୟକାରୀ କରିଛନ୍ତି । ଏହି ପଦକ୍ଷେପ ପୁରାତନ ପେନ୍‌ସନ୍ ଭୋଗୀ ମାନଙ୍କୁ ସମସ୍ୟାମୁକ୍ତ ସେବା ଯୋଗାଇ ଦେଉଛି ।